AICTE

VIKSIT BHARAT
2047

Sashakt Bharat • Samriddh Bharat • Sustainable Bharat

*VAANI NATIONAL CONFERENCE*

*on*

# CLIMATE-RESILIENT AGROTECH AND SUSTAINABLE FOOD PROCESSING *for* VIKSIT BHARAT 2047

# ଜଳବାୟୁ ସହନଶୀଳ କୃଷି ପ୍ରଯୁକ୍ତି ଏବଂ ସସ୍ଥାୟୀ ଖାଦ୍ୟ ପ୍ରକ୍ରିୟାକରଣ ଦ୍ୱାରା ବିକଶିତ ଭାରତ 2047

CLIMATE RESILIENCE
ଜଳବାୟୁ ସହନଶୀଳତା

AGROTECH INNOVATION
କୃଷି ପ୍ରଯୁକ୍ତି ନବୀନତା

SUSTAINABILITY
ସସ୍ଥାୟୀତା

NUTRITION FOR ALL
ସମସ୍ତଙ୍କ ପାଇଁ ପୋଷଣ





**DATE**
**08 & 09 October 2026**

ତାରିଖ
୦୮ ଓ ୦୯ ଅକ୍ଟୋବର୍ ୨୦୨୬

**VENUE**
**ASTHA SCHOOL OF MANAGEMENT**

ସ୍ଥାନ
ଆସ୍ଥା ସ୍କୁଲ ଅଫ ମ୍ୟାନେଜମେଣ୍ଟ

INNOVATE • ADAPT • TRANSFORM
ନବୀନତା • ଅନୁକୂଳନ • ପରିବର୍ତ୍ତନ

TOGETHER TOWARDS A RESILIENT, SUSTAINABLE AND PROSPEROUS BHARAT BY 2047

୨୦୪୭ ସୁଦ୍ଧା ଏକ ସହନଶୀଳ ଏବଂ ସମୃଦ୍ଧ ଭାରତ ଗଢ଼ିବା ପାଇଁ ଆମେ ସହଯୋଗୀ

## About the Institute:

Established in 2008, ASTHA School of Management is a NAAC-accredited, AICTE-approved B-School affiliated with BPUT, Odisha. The institute offers a full-time MBA programme focused on industry readiness, entrepreneurship, innovation, and ethical leadership. Through experiential learning and value-based education, ASTHA develops socially responsible professionals contributing to management education and society. The institution is committed to the vision of multilingual technical education and aims to contribute significantly to the objectives of AICTE-VAANI by promoting technical discourse in Indian languages.

## About the Conference:

Climate change has emerged as one of the most critical challenges affecting agriculture and food systems globally. India, being an agriculture-driven economy, requires climate-resilient agricultural systems and sustainable food processing mechanisms to ensure long-term food security and economic stability. The proposed *National Conference on "Climate-Resilient Agrotech and Sustainable Food Processing for Viksit Bharat 2047"*, under the AICTE-VAANI Scheme, intends to bridge the gap between technological innovation and regional language accessibility by creating a platform where technical concepts are discussed. It will focus on emerging technologies such as Artificial Intelligence, IoT, precision farming, drone applications, smart irrigation systems, renewable energy integration, sustainable food processing technologies, circular economy practices, and agro-based entrepreneurship at the same time promoting regional language-based technical discourse by encouraging paper presentations, panel discussions, workshops, and keynote sessions in Odia and English.

## Objective of the Conference:

The major objectives of the conference are:

1. To promote technical and academic discussions on climate-resilient agriculture and sustainable food processing.
2. To encourage the use of Indian languages, especially Odia, in technical education, research communication, and knowledge dissemination.
3. To explore emerging technologies such as AI, IoT, drone technology, smart irrigation, and precision farming in agriculture.
4. To discuss sustainable and eco-friendly food processing technologies for reducing food loss and enhancing food security.
5. To provide a collaborative platform for academicians, researchers, students, industry experts, policymakers, startups, and farmers.

## ଅନୁଷ୍ଠାନ ସମ୍ପର୍କରେ:

୨୦୦୮ ମସିହାରେ ପ୍ରତିଷ୍ଠିତ **ଆସ୍ଥା ସ୍କୁଲ୍ ଅଫ୍ ମ୍ୟାନେଜମେଣ୍ଟ** ଏକ NAAC **ମାନ୍ୟତାପ୍ରାପ୍ତ**, AICTE **ଅନୁମୋଦିତ ଏବଂ** BPUT, **ଓଡ଼ିଶା ସହ ଅନୁବନ୍ଧିତ** ବିଜନେସ୍ ସ୍କୁଲ୍। ଅନୁଷ୍ଠାନ ପକ୍ଷରୁ ଶିଳ୍ପକ୍ଷେତ୍ର ପାଇଁ ପ୍ରସ୍ତୁତି, ଉଦ୍ୟୋଗିତା, ନବସୃଜନ ଏବଂ ନୈତିକ ନେତୃତ୍ୱ ଉପରେ ଗୁରୁତ୍ୱାରୋପ କରି **ପୂର୍ଣ୍ଣକାଳୀନ** MBA **କାର୍ଯ୍ୟକ୍ରମ** ପ୍ରଦାନ କରାଯାଉଛି। ଅନୁଭବଭିତ୍ତିକ ଶିକ୍ଷା ଏବଂ ମୂଲ୍ୟଭିତ୍ତିକ ଶିକ୍ଷାଦାନ ମାଧ୍ୟମରେ ଆସ୍ଥା ଦାୟିତ୍ୱବାନ ଏବଂ ସାମାଜିକ ଭାବେ ସଚେତନ ପେଶାଦାର ଗଢ଼ି ତୋଳିବା ସହିତ ପରିଚାଳନା ଶିକ୍ଷା ଏବଂ ସମାଜର ଉନ୍ନତିରେ ଅବଦାନ ରଖିଆସୁଛି। ଅନୁଷ୍ଠାନ **ବହୁଭାଷୀ ବୈଷୟିକ ଶିକ୍ଷା**ର ଦୃଷ୍ଟିକୋଣ ପ୍ରତି ପ୍ରତିବଦ୍ଧ ଏବଂ ଭାରତୀୟ ଭାଷାରେ ବୈଷୟିକ ଆଲୋଚନାକୁ ପ୍ରୋତ୍ସାହନ ଦେଇ AICTE-VAANIର ଉଦ୍ଦେଶ୍ୟଗୁଡ଼ିକର ସଫଳ କାର୍ଯ୍ୟାନ୍ୱୟନରେ ଉଲ୍ଲେଖନୀୟ ଅବଦାନ ରଖିବାକୁ ଲକ୍ଷ୍ୟ ରଖିଛି।

## ସମ୍ମିଳନୀ ସମ୍ପର୍କରେ:

ଜଳବାୟୁ ପରିବର୍ତ୍ତନ ବିଶ୍ୱସ୍ତରରେ କୃଷି ଓ ଖାଦ୍ୟ ପ୍ରଣାଳୀକୁ ପ୍ରଭାବିତ କରୁଥିବା ଏକ ଅତ୍ୟନ୍ତ ଗୁରୁତର ଆହ୍ୱାନ ଭାବେ ଉଭା ହୋଇଛି। କୃଷିଭିତ୍ତିକ ଅର୍ଥନୀତି ଭାବେ, ଭାରତରେ ଦୀର୍ଘକାଳୀନ ଖାଦ୍ୟ ସୁରକ୍ଷା ଓ ଆର୍ଥିକ ସ୍ଥିରତା ସୁନିଶ୍ଚିତ କରିବା ପାଇଁ **ଜଳବାୟୁ-ସହନଶୀଳ କୃଷି ପ୍ରଣାଳୀ** ଏବଂ **ସସ୍ଥାୟୀ ଖାଦ୍ୟ ପ୍ରକ୍ରିୟାକରଣ ବ୍ୟବସ୍ଥା**ର ଆବଶ୍ୟକତା ରହିଛି।

AICTE-VAANI **ଯୋଜନା** ଅଧୀନରେ ପ୍ରସ୍ତାବିତ "***ବିକଶିତ ଭାରତ ୨୦୪୭ ପାଇଁ ଜଳବାୟୁ-ସହନଶୀଳ କୃଷି-ପ୍ରଯୁକ୍ତି ଓ ସସ୍ଥାୟୀ ଖାଦ୍ୟ ପ୍ରକ୍ରିୟାକରଣ***" ଶୀର୍ଷକ ଜାତୀୟ ସମ୍ମିଳନୀ, ବୈଷୟିକ ନବସୃଜନ ଏବଂ ଆଞ୍ଚଳିକ ଭାଷାରେ ବୈଷୟିକ ଜ୍ଞାନର ସୁଗମ ଉପଲବ୍ଧତା ମଧ୍ୟରେ ଥିବା ବ୍ୟବଧାନକୁ ଦୂର କରିବାକୁ ଲକ୍ଷ୍ୟ ରଖିଛି। ଏହି ସମ୍ମିଳନୀ ଏକ ଏପରି ମଞ୍ଚ ସୃଷ୍ଟି କରିବ, ଯେଉଁଠାରେ ବୈଷୟିକ ଧାରଣାଗୁଡ଼ିକ ଉପରେ ଆଲୋଚନା ଓ ଜ୍ଞାନର ଆଦାନ-ପ୍ରଦାନ କରାଯିବ।

ସମ୍ମିଳନୀରେ **କୃତ୍ରିମ ବୁଦ୍ଧିମତ୍ତା** (Artificial Intelligence), **ଇଣ୍ଟରନେଟ୍ ଅଫ୍ ଥିଙ୍ଗ୍ସ** (IoT), **ସଠିକ୍ କୃଷି** (Precision Farming), **ଡ୍ରୋନ୍ ପ୍ରୟୋଗ**, **ସ୍ମାର୍ଟ ଜଳସେଚନ ପ୍ରଣାଳୀ**, **ନବୀକରଣଯୋଗ୍ୟ ଶକ୍ତିର ସମନ୍ୱୟ**, **ସସ୍ଥାୟୀ ଖାଦ୍ୟ ପ୍ରକ୍ରିୟାକରଣ ପ୍ରଯୁକ୍ତି**, **ସର୍କୁଲାର ଇକୋନୋମି ପ୍ରଣାଳୀ** ଏବଂ **କୃଷିଭିତ୍ତିକ ଉଦ୍ୟୋଗିତା** ଭଳି ଉଦୀୟମାନ ପ୍ରଯୁକ୍ତି ଓ କ୍ଷେତ୍ରଗୁଡ଼ିକ ଉପରେ ଗୁରୁତ୍ୱ ଦିଆଯିବ। ଏଥିସହିତ, ଓଡ଼ିଆ ଓ ଇଂରାଜୀ ଭାଷାରେ **ଗବେଷଣା ପତ୍ର ଉପସ୍ଥାପନ**, **ପ୍ୟାନେଲ୍ ଆଲୋଚନା**, **କର୍ମଶାଳା ଏବଂ ମୁଖ୍ୟ ବକ୍ତବ୍ୟ ଅଧିବେଶନ** ମାଧ୍ୟମରେ ଆଞ୍ଚଳିକ ଭାଷାଭିତ୍ତିକ ବୈଷୟିକ ଆଲୋଚନାକୁ ପ୍ରୋତ୍ସାହନ ଦିଆଯିବ।

## ସମ୍ମିଳନୀର ଉଦ୍ଦେଶ୍ୟ:

ସମ୍ମିଳନୀର ପ୍ରମୁଖ ଉଦ୍ଦେଶ୍ୟଗୁଡ଼ିକ ହେଉଛି:

୧. **ଜଳବାୟୁ-ସହନଶୀଳ କୃଷି ଏବଂ ସସ୍ଥାୟୀ ଖାଦ୍ୟ ପ୍ରକ୍ରିୟାକରଣ** ଉପରେ ବୈଷୟିକ ଓ ଶିକ୍ଷାଭିତ୍ତିକ ଆଲୋଚନାକୁ ପ୍ରୋତ୍ସାହିତ କରିବା।

୨. **ବୈଷୟିକ ଶିକ୍ଷା**, **ଗବେଷଣା ଯୋଗାଯୋଗ ଏବଂ ଜ୍ଞାନର ପ୍ରସାର** କ୍ଷେତ୍ରରେ ଭାରତୀୟ ଭାଷା, ବିଶେଷକରି **ଓଡ଼ିଆ ଭାଷାର ବ୍ୟବହାରକୁ** ଉତ୍ସାହିତ କରିବା।

୩. କୃଷି କ୍ଷେତ୍ରରେ **କୃତ୍ରିମ ବୁଦ୍ଧିମତ୍ତା** (AI), **ଇଣ୍ଟରନେଟ୍ ଅଫ୍ ଥିଙ୍ଗ୍ସ** (IoT), **ଡ୍ରୋନ୍ ପ୍ରଯୁକ୍ତି**, **ସ୍ମାର୍ଟ ଜଳସେଚନ ଏବଂ ସଠିକ୍ କୃଷି** (Precision Farming) ଭଳି ଉଦୀୟମାନ ପ୍ରଯୁକ୍ତିର ସମ୍ଭାବନା ଅନ୍ୱେଷଣ କରିବା।

୪. **ଖାଦ୍ୟ ଅପଚୟ ହ୍ରାସ ଏବଂ ଖାଦ୍ୟ ସୁରକ୍ଷା ବୃଦ୍ଧି** ପାଇଁ ସସ୍ଥାୟୀ ଓ ପରିବେଶ-ଅନୁକୂଳ ଖାଦ୍ୟ ପ୍ରକ୍ରିୟାକରଣ ପ୍ରଯୁକ୍ତି ଉପରେ ଆଲୋଚନା କରିବା।

୫. **ଶିକ୍ଷାବିତ୍**, **ଗବେଷକ**, **ଛାତ୍ରଛାତ୍ରୀ**, **ଶିଳ୍ପ ବିଶେଷଜ୍ଞ**, **ନୀତି ନିର୍ଦ୍ଧାରକ**, **ଷ୍ଟାର୍ଟଅପ୍ ଏବଂ କୃଷକମାନଙ୍କ** ପାଇଁ ଏକ ସହଯୋଗାତ୍ମକ ମଞ୍ଚ ପ୍ରଦାନ କରିବା।

## Sub-Themes:

The conference will include, but not be limited to, the following sub-themes:

1. Artificial Intelligence in Agriculture
2. Precision Farming and Smart Agriculture
3. IoT Applications in Agriculture
4. Drone Technology in Crop Monitoring
5. Climate-Smart Agricultural Practices
6. Water Management and Smart Irrigation Systems
7. Sustainable Food Processing Technologies
8. Post-Harvest Management and Food Preservation
9. Circular Economy and Agro-Waste Utilization
10. Renewable Energy in Agriculture and Food Processing
11. Agri Supply Chain and Cold Chain Management
12. Digital Agriculture and Data Analytics
13. Agri Entrepreneurship and Startups
14. Women Entrepreneurship in Food Processing
15. Millet Processing and Nutritional Security
16. Indigenous Agricultural Knowledge Systems
17. Organic Farming and Sustainable Agriculture
18. Food Safety, Quality, and Standards
19. Green Packaging and Sustainable Logistics
20. Rural Innovation and Community Development

## Target Participants:

The conference will be beneficial for: Faculty members, Research scholars, Agricultural scientists, Industry professionals, Policymakers, Startups and entrepreneurs, Farmers and FPO representatives, NGOs and social organizations, Government officials

## Publication Plan:

The conference proceedings containing accepted papers and abstracts will be published with ISBN.

Selected quality papers may also be recommended for publication in:

- Edited books
- Peer-reviewed journals
- Institutional publications

Abstracts and selected summaries may also be published Odia to support regional knowledge dissemination as per the main purpose of AICTE – VAANI Scheme.

## Registration Process:

Interested participants are required to complete the online registration form available on the conference website/brochure. Authors should submit their abstracts (250–300 words) before the specified deadline. Selected authors will be invited to submit full papers for presentation and publication. Confirmation, conference details, and participation guidelines will be communicated via email. E-certificates/participation certificates will be provided to all registered participants.

***No registration Fees. No publication Fees.***

## ଉପବିଷୟବସ୍ତୁ:

ସମ୍ମିଳନୀରେ ନିମ୍ନଲିଖିତ ଉପ-ବିଷୟଗୁଡ଼ିକ ସମେତ ଅନ୍ୟାନ୍ୟ ସମ୍ପର୍କିତ ବିଷୟ ଉପରେ ମଧ୍ୟ ଆଲୋଚନା କରାଯିବ:

୧. କୃଷିରେ କୃତ୍ରିମ ବୁଦ୍ଧିମତ୍ତା
୨. ସଠିକ୍ କୃଷି ଓ ସ୍ମାର୍ଟ କୃଷି
୩. କୃଷିରେ IoTର ପ୍ରୟୋଗ
୪. ଫସଲ ନିରୀକ୍ଷଣରେ ଡ୍ରୋନ୍ ପ୍ରଯୁକ୍ତି
୫. ଜଳବାୟୁ-ସ୍ମାର୍ଟ କୃଷି ପ୍ରଣାଳୀ
୬. ଜଳ ପରିଚାଳନା ଓ ସ୍ମାର୍ଟ ଜଳସେଚନ ପ୍ରଣାଳୀ
୭. ସସ୍ଥାୟୀ ଖାଦ୍ୟ ପ୍ରକ୍ରିୟାକରଣ ପ୍ରଯୁକ୍ତି
୮. ଅମଳ ପରବର୍ତ୍ତୀ ପରିଚାଳନା ଓ ଖାଦ୍ୟ ସଂରକ୍ଷଣ
୯. ସର୍କୁଲାର ଇକୋନୋମି ଓ କୃଷିଜାତ ବର୍ଜ୍ୟବସ୍ତୁର ଉପଯୋଗ
୧୦. କୃଷି ଓ ଖାଦ୍ୟ ପ୍ରକ୍ରିୟାକରଣରେ ନବୀକରଣଯୋଗ୍ୟ ଶକ୍ତି
୧୧. କୃଷି ଯୋଗାଣ ଶୃଙ୍ଖଳ ଓ ଶୀତଳ ଶୃଙ୍ଖଳ ପରିଚାଳନା
୧୨. ଡିଜିଟାଲ୍ କୃଷି ଓ ତଥ୍ୟ ବିଶ୍ଳେଷଣ
୧୩. କୃଷି ଉଦ୍ୟୋଗିତା ଓ ଷ୍ଟାର୍ଟଅପ୍
୧୪. ଖାଦ୍ୟ ପ୍ରକ୍ରିୟାକରଣରେ ମହିଳା ଉଦ୍ୟୋଗିତା
୧୫. ମାଣ୍ଡିଆ ପ୍ରକ୍ରିୟାକରଣ ଓ ପୁଷ୍ଟିଜନିତ ସୁରକ୍ଷା
୧୬. ସ୍ୱଦେଶୀ କୃଷି ଜ୍ଞାନ ପ୍ରଣାଳୀ
୧୭. ଜୈବିକ କୃଷି ଓ ସସ୍ଥାୟୀ କୃଷି
୧୮. ଖାଦ୍ୟ ସୁରକ୍ଷା, ଗୁଣବତ୍ତା ଓ ମାନଦଣ୍ଡ
୧୯. ସବୁଜ ପ୍ୟାକେଜିଂ ଓ ସସ୍ଥାୟୀ ଲଜିଷ୍ଟିକ୍ସ
୨୦. ଗ୍ରାମୀଣ ନବସୃଜନ ଓ ସମୁଦାୟ ବିକାଶ

## ଅଂଶଗ୍ରହଣକାରୀ:

ଏହି ସମ୍ମିଳନୀ ନିମ୍ନଲିଖିତ ବର୍ଗର ଅଂଶଗ୍ରହଣକାରୀମାନଙ୍କ ପାଇଁ ଉପଯୋଗୀ ହେବ: ଅଧ୍ୟାପକ ଓ ଅଧ୍ୟାପିକା, ଗବେଷଣାର୍ଥୀ, କୃଷି ବୈଜ୍ଞାନିକ, ଶିଳ୍ପ କ୍ଷେତ୍ରର ପେଶାଦାର, ନୀତି ନିର୍ଦ୍ଧାରକ, ଷ୍ଟାର୍ଟଅପ୍ ଓ ଉଦ୍ୟୋଗୀ, କୃଷକ ଓ କୃଷକ ଉତ୍ପାଦକ ସଂଗଠନ (FPO)ର ପ୍ରତିନିଧି, ବେସରକାରୀ ସ୍ୱେଚ୍ଛାସେବୀ ସଂଗଠନ (NGO) ଓ ସାମାଜିକ ସଂଗଠନ, ସରକାରୀ ଅଧିକାରୀ।

## ପ୍ରକାଶନ ଯୋଜନା:

ଗ୍ରହଣ କରାଯାଇଥିବା ଗବେଷଣା ପତ୍ର ଓ ସାରାଂଶଗୁଡ଼ିକୁ ନେଇ ପ୍ରସ୍ତୁତ **ସମ୍ମିଳନୀ ବିବରଣୀ** (Conference Proceedings) ISBN ସହିତ ପ୍ରକାଶିତ ହେବ। ଚୟନିତ ଉତ୍କୃଷ୍ଟ ଗବେଷଣା ପତ୍ରଗୁଡ଼ିକୁ ନିମ୍ନଲିଖିତ ମାଧ୍ୟମରେ ପ୍ରକାଶନ ପାଇଁ ସୁପାରିଶ କରାଯାଇପାରେ:

- ସମ୍ପାଦିତ ପୁସ୍ତକ
- ପିୟର୍-ରିଭ୍ୟୁଡ୍ ଜର୍ନାଲ୍
- ଅନୁଷ୍ଠାନିକ ପ୍ରକାଶନ

AICTE–VAANI **ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ** ଅନୁଯାୟୀ ଆଞ୍ଚଳିକ ଜ୍ଞାନର ପ୍ରସାରକୁ ସମର୍ଥନ କରିବା ପାଇଁ **ସାରାଂଶ ଓ ଚୟନିତ ସଂକ୍ଷିପ୍ତ ବିବରଣୀଗୁଡ଼ିକ ମଧ୍ୟ ଓଡ଼ିଆ ଭାଷାରେ ପ୍ରକାଶିତ କରାଯାଇପାରେ।**

## ପଞ୍ଜୀକରଣ ପ୍ରକ୍ରିୟା:

ଆଗ୍ରହୀ ଅଂଶଗ୍ରହଣକାରୀମାନେ ସମ୍ମିଳନୀ ୱେବସାଇଟ୍/ବ୍ରୋସର୍‌ରେ ଉପଲବ୍ଧ **ଅନଲାଇନ୍ ପଞ୍ଜୀକରଣ ଫର୍ମ** ପୂରଣ କରିବା ଆବଶ୍ୟକ। ଲେଖକମାନେ ନିର୍ଦ୍ଧାରିତ ଶେଷ ତାରିଖ ପୂର୍ବରୁ **୨୫୦–୩୦୦ ଶବ୍ଦର ସାରାଂଶ** (Abstract) ଦାଖଲ କରିବାକୁ ହେବ। ଚୟନିତ ଲେଖକମାନଙ୍କୁ ଉପସ୍ଥାପନ ଓ ପ୍ରକାଶନ ପାଇଁ **ପୂର୍ଣ୍ଣ ଗବେଷଣା ପତ୍ର** ଦାଖଲ କରିବାକୁ ଆମନ୍ତ୍ରଣ କରାଯିବ। ପଞ୍ଜୀକରଣର ନିଶ୍ଚିତକରଣ, ସମ୍ମିଳନୀ ସମ୍ପର୍କିତ ବିବରଣୀ ଏବଂ ଅଂଶଗ୍ରହଣ ସମ୍ବନ୍ଧୀୟ ନିର୍ଦ୍ଦେଶାବଳୀ **ଇ-ମେଲ୍ ମାଧ୍ୟମରେ** ଜଣାଇ ଦିଆଯିବ। ସମସ୍ତ ପଞ୍ଜୀକୃତ ଅଂଶଗ୍ରହଣକାରୀଙ୍କୁ **ଇ-ସାର୍ଟିଫିକେଟ୍/ଅଂଶଗ୍ରହଣ ପ୍ରମାଣପତ୍ର** ପ୍ରଦାନ କରାଯିବ।

**ପଞ୍ଜୀକରଣ ନିଃଶୁଳ୍କ • ପ୍ରକାଶନ ନିଃଶୁଳ୍କ**

**Organizing Committee:**

Chief Patron:
Dr. Bankim Mohanty
*Executive Director-cum- Secretary*

Patron:
Prof. (Dr.) Sharmila Subramanian
*Principal*

Coordinator :
Dr. Swetapadma Dash
Assoc. Professor

Co-coordinator :
Dr. Anindita Das
Asst. Professor

Members
Dr. Bishnu Prasad Kar
Prof. Sunil Kumar Mishra
Dr. Ananya Swain
Prof. Kali Prasad Satapathy
Mr. Umasankar Swain
Mr. Hrudananda Pradhan

For Details and Registration visit:
**https://asthaeducation.in/vaani-national-conference/**

**ଆୟୋଜନ କମିଟି:**

- **ମୁଖ୍ୟ ପୃଷ୍ଠପୋଷକ:**
  ଡ. ବଙ୍କିମ ମହାନ୍ତି, *କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ-ସହ-ସଚିବ*
- **ପୃଷ୍ଠପୋଷକ:**
  ପ୍ରଫେସର (ଡ.) ଶର୍ମିଳା ସୁବ୍ରମଣ୍ୟନ, *ଅଧ୍ୟକ୍ଷା*
- **ସଂଯୋଜିକା:**
  ଡ. ଶ୍ୱେତପଦ୍ମା ଦାଶ, *ସହଯୋଗୀ ପ୍ରାଧ୍ୟାପିକା*
- **ସହ-ସଂଯୋଜିକା:**
  ଡ. ଅନିନ୍ଦିତା ଦାସ, *ସହକାରୀ ପ୍ରାଧ୍ୟାପିକା*

**ସଦସ୍ୟବୃନ୍ଦ:**

- ଡ. ବିଷ୍ଣୁ ପ୍ରସାଦ କର
- ପ୍ରଫେସର ସୁନୀଲ କୁମାର ମିଶ୍ର
- ଡ. ଅନନ୍ୟା ସ୍ୱାଇଁ
- ପ୍ରଫେସର କାଳୀ ପ୍ରସାଦ ଶତପଥୀ
- ଶ୍ରୀ ଉମାଶଙ୍କର ସ୍ୱାଇଁ
- ଶ୍ରୀ ହୃଦାନନ୍ଦ ପ୍ରଧାନ

ବିସ୍ତୃତ ବିବରଣୀ ଓ ପଞ୍ଜୀକରଣ ପାଇଁ:
**https://asthaeducation.in/vaani-national-conference/**










